ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

e-mail : dkl.dipro@gmail.com

Tel. No. - (06762) 224414

ପତ୍ର ସଂଖ୍ୟା ---୨୪୫---/ସୂ.ଲୋ.ସଂ ତା.-୨୬/୧୧/୨୦୨୦--

ଜିଲ୍ଲାରେ ଆଉ ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ, ଏକ ଜଣ ସୁସ୍ଥ, ଜଣେ ଆକ୍ରାନ୍ତ ମୃତ ।

ଢେଙ୍କାନାଳ, ତା. ୨୬/୧୧/୨୦୨୦ - ଜିଲ୍ଲାରେ ଆଉ ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପରଜଙ୍ଗ ବ୍ଲକର ଭେରୁଣିଆ ଏବଂ ସଡ଼ାଙ୍ଗରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଭୁବନ ବ୍ଲକର କରମୁଳରୁ ଜଣେ, ଗଣ୍ଡିଆ ବ୍ଲକର ଗଣ୍ଡିଆରୁ ଜଣେ ଏବଂ କାମାକ୍ଷାନଗର ଏନ.ଏ.ସି.ରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୩ ଜଣ ହୋମ କ୍ୱାରେଣ୍ଟାଇନରେ ଥା... ଚିହ୍ନଟ ହୋଇଥିଲା ବେଳେ ୨ ଜଣ ଭୁବନେଶ୍ୱର, କଟକ ହସ୍ପିଟାଲରୁ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ଆଉ ଏକ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ପରଜଙ୍ଗ ବ୍ଲକ ଅନ୍ତର୍ଗତ ... ଗ୍ରାମର ଜଣେ ୬୪ ବର୍ଷୀୟ ପୁରୁଷ ଭୁବନେଶ୍ୱର ସମ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ବରଣ କରିଛନ୍ତି । ତାଙ୍କ ମୃତ୍ୟୁକୁ ଷ୍ଟେଟ ଡେଥ ଅଡିଟ ଟିମ କରୋନା ଜନିତ ମୃତ୍ୟୁ ଭାବେ ଘୋଷଣା କରିଛନ୍ତି । ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୪ ରେ ପହଞ୍ଚିଛି ।

ଜିଲ୍ଲାରେ ୨୪ ତାରିଖ ସୁଦ୍ଧା ୪୬୦୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୪୪୮୪ ଜଣ ଆକ୍ରାନ୍ତ ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି ଏବଂ ୮୨ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି ।

ଏହାକୁ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

୨୬/୧୧/୨୦୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ